# ପ୍ରଥମ ରୋଜଗାର



ସଫଳତା ପାଇବା ପାଇଁ ଜୀବନପଥରେ ସମସ୍ତଙ୍କୁ ସଂଘର୍ଷ କରିବାକୁ ପଡେ। ଆଜି ଯେଉଁ ବଲିଉଡ୍ ସେଲିବ୍ରେଟୀମାନଙ୍କୁ ଆମେ ଐଶ୍ ଆରାମ୍‌ର ଜୀବନ ବିତାଉଥିବା ଦେଖିବାକୁ ପାଉଛେ ସଫଳତା ପାଇବା ପାଇଁ ସେମାନଙ୍କୁ ମଧ୍ୟ କଷ୍ଟକରପଥ ଦେଇ ଗତି କରିବାକୁ ପଡିଛି। ବର୍ତ୍ତମାନ ଗୋଟିଏ ଗୋଟିଏ ଦିନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଏହି ସେଲିବ୍ରେଟୀମାନେ ଟଙ୍କା ରୋଜଗାର କରିବା ପାଇଁ ଅନେକ ପୀଡା ଉଠାଇଛନ୍ତି। କୋଟି କୋଟି ଟଙ୍କା ରୋଜଗାର କରୁଥିବା ଏହି ବଲିଉଡ୍ ସେଲିବ୍ରେଟୀମାନଙ୍କ ପ୍ରଥମ ରୋଜଗାର ହୁଏତ ସମସ୍ତେ ଜାଣିନଥିବେ, ଆଉ ଜାଣିଲେ ଯେକେହି ବି ଆଶ୍ଚର୍ଯ୍ୟଚକିତ ହୋଇଯିବେ। ବିଗ୍ ବି'ଙ୍କ ଠାରୁ ଆରମ୍ଭ କରି କିଙ୍ଗ୍‌ଖାନ୍ ପର୍ଯ୍ୟନ୍ତ ସଫଳତାର ଶୀର୍ଷରେ ପହଞ୍ଚି ବର୍ତ୍ତମାନ ଗୋଟିଏ ଗୋଟିଏ ମୁଭି ପାଇଁ କୋଟି କୋଟି ଟଙ୍କାର ପାଉଣା ନେଉଛନ୍ତି। ଆସନ୍ତୁ ଜାଣିବା ଆଜି ମୋଟା ରକମର ପାଉଣା ନେଉଥିବା ଏହି ବଲିଉଡ୍ ସେଲିବ୍ରେଟୀମାନଙ୍କ ପ୍ରଥମ ପାରିଶ୍ରମିକ ସମ୍ପର୍କରେ...



❖ **ପ୍ରିୟଙ୍କା ଚୋପ୍ରା :** ବଲିଉଡ୍‌ର ଯାଇ ହଲିଉଡ୍ ଇଣ୍ଡଷ୍ଟ୍ରୀରେ ନିଜର ପରିଚସୃଷ୍ଟି କରିଥିବା ଦେଶୀଗାର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଥମ ମାସର ଦରମା ଭାବେ ୫ହଜାର ଟଙ୍କା ପାଇଥିଲେ। ଅମୀର ଖାନ୍‌ଙ୍କ ପରି ପ୍ରିୟଙ୍କା ମଧ୍ୟ ତାଙ୍କ ଜୀବନର ଏହି ପ୍ରଥମ ରୋଜଗାରକୁ ମା'ଙ୍କୁ ପ୍ରଦାନ କରିଥିଲେ। ଆଜି ମଧ୍ୟ ମା' ମୋର ଏହି ଚେକ୍‌କୁ ସାଇତି ରଖିଛି ବୋଲି ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ପ୍ରିୟଙ୍କା ଏକଥା ଖୁଲାସା କରିଥିଲେ।

❖ **ଅକ୍ଷୟ କୁମାର :** ଖିଲାଡିଷ୍ଟାର ଅକ୍ଷୟ କୁମାର ଫିଲ୍ମ ଇଣ୍ଡଷ୍ଟ୍ରୀକୁ ଆସିବା ପୂର୍ବରୁ ବ୍ୟାଙ୍କକ୍‌ର ଏକ ରେଷ୍ଟୋରାଁରେ କାମ କରୁଥିଲେ। ବର୍ତ୍ତମାନ ଇଣ୍ଡଷ୍ଟ୍ରୀରେ ସବୁଠାରୁ ଅଧିକ ପାଉଣା ନେଉଥିବା ଅଭିନେତାଙ୍କ ତାଲିକାର ଟପ୍‌ରେ ଅଛନ୍ତି ଅକ୍ଷୟ କୁମାର। ଆଜିର ସମୟରେ ଅକ୍ଷୟ ବିଟାଉନ୍‌ରେ ସବୁଠାରୁ ଅଧିକ ଇନ୍‌କମ୍ ଟାକ୍ସଦେଉଥିବା ଅଭିନେତା। କରୋଡ କରୋଡ କମାଉଥିବା ଏହି ଅଭିନେତା ରେଷ୍ଟୋରାଁରେ କାମ କରିବା ସମୟରେ ମାସିକ ଦରମା ରୂପେ ୧୫୦୦ଟଙ୍କା ପାଇଥିଲେ।

❖ **ସୋନମ୍ କାପୁର :** ଅଭିନେତ୍ରୀ ସୋନମ୍ କାପୁର ଅଭିନୟ ସହିତ ଜଣେ ଭଲ ଡିଜାଇନର ବୋଲି ସମସ୍ତେ ଜାଣନ୍ତି। ଆକ୍ଟିଂ କ୍ଷେତ୍ରକୁ ଆସିବା ପୂର୍ବରୁ ସୋନମ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାମ କରି ପ୍ରଥମ ପାରିଶ୍ରମିକ ଭାବେ ୩ହଜାର ଟଙ୍କା ପାଇଥିଲେ।

❖ **ଜନ୍ ଆବ୍ରାହମ୍ :** ସିକ୍ସପ୍ୟାକ୍ ହ୍ୟାଣ୍ଡସମ୍ ଅଭିନେତା ଜନ୍ ଆବ୍ରାହମ୍ ପ୍ରଥମ ପାରିଶ୍ରମିକ ଭାବେ ୧୧,୮୦୦ ଟଙ୍କା ପାଇଥିଲେ। ଜୀବନର ଏହି ପ୍ରଥମ ରୋଜଗାରକୁ ଜନ୍ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ସଞ୍ଚୟ କରିଥିଲେ। ଶେଷରେ ବଲିଉଡ୍ ପରି ସାଉଥ ଇଣ୍ଡଷ୍ଟ୍ରୀ କଥା ଯଦି କହିବା ଅଭିନେତା ଅଜିତ୍ କୁମାର ଆଜି ଇଣ୍ଡଷ୍ଟ୍ରୀରେ ବେଷ୍ଟ ହାଇପେଡ୍ ଅଭିନେତା ହୋଇଥିଲେ ମଧ୍ୟ କ୍ୟାରିଅର ଆରମ୍ଭରେ ସହ ଅଭିନେତା ଭାବେ କାମ ଆରମ୍ଭ କରିଥିଲେ। ସହ ଅଭିନେତା ଭାବେ ତାଙ୍କର ପ୍ରଥମ ପାରିଶ୍ରମିକ ୨,୫୦୦ଟଙ୍କା ଥିଲା। ସାଉଥ୍‌ର ମହାନ୍ ଷ୍ଟାର କମଲଉ ହାସନ ବଲିଉଡ୍ ଫିଲ୍ମରେ ମଧ୍ୟ କାମ କରିଛନ୍ତି। ଏକ ରିଅଲିଟି ଶୋ'ର ଉପସ୍ଥାପନା ପାଇଁ ୧୫କୋଟି ଟଙ୍କା ନେଇଥିବା ଏହି ଅଭିନେତାଙ୍କ ପ୍ରଥମ ପାରିଶ୍ରମିକ ୫୦୦ଟଙ୍କା ଥିଲା। କଲିଉଡ୍ ଇଣ୍ଡଷ୍ଟ୍ରୀର ଆଗଧାଡିର ଅଭିନେତା ସୂରିଆ ଆଜିରଦିନରେ ଗୋଟିଏ ଗୋଟିଏ ଫିଲ୍ମ ପାଇଁ କୋଟିରେ ସାଇନ୍ କରୁଥିଲେ ମଧ୍ୟ ପ୍ରଥମ ରୋଜଗାର ମାତ୍ର ୭୪୦ଟଙ୍କା ଥିଲା। ବର୍ତ୍ତମାନ କୋଟି କୋଟି ଟଙ୍କାର ରୋଜଗାର କରୁଥିଲେ ମଧ୍ୟ ଜୀବନର ଏହି ପ୍ରଥମ ରୋଜଗାର ମୋ ପାଇଁ ସବୁଠାରୁ ସ୍ୱତନ୍ତ୍ର ବୋଲି ଅଭିନେତା ଅନେକ କାର୍ଯ୍ୟକ୍ରମରେ କହିଛନ୍ତି। ସେହିପରି ସାଉଥ୍‌ର ଅନ୍ୟତମ ଷ୍ଟାର ଆଲୁ ଅର୍ଜୁନଙ୍କ ପ୍ରଥମ ରୋଜଗାର ୩,୫୦୦ଟଙ୍କା ଥିଲା।



❖ **ଅମିତାଭ ବଚ୍ଚନ :** ଦଶନ୍ଧିର ମହାନାୟକ ଅମିତାଭ ବଚ୍ଚନ ବଲିଉଡ୍ ଇଣ୍ଡଷ୍ଟ୍ରୀକୁ ଆସିବା ପୂର୍ବରୁ କୋଲକାତାର ଏକ ସିପିଂ କମ୍ପାନୀରେ ଚାକିରି କରିଥିଲେ। ପାଠକବନ୍ଧୁମାନେ ହୁଏତ ବିଶ୍ୱାସ କରିପାରିବେନି, ଫିଲ୍ମ ହେଉ କି କୌଣସି କାର୍ଯ୍ୟକ୍ରମ ପାଇଁ ମୋଟା ପାଉଣା ନେଉଥିବା ଅମିତାଭଙ୍କ ପ୍ରଥମ ପାରିଶ୍ରମିକ ବା ମାସକ ଦରମା ୫୦୦ଟଙ୍କା ଥିଲା।

❖ **ଅମୀର ଖାନ୍ :** ତାରେ ଜମିନ୍ ପର, ଥ୍ରୀ ଇଡିୟଟ୍‌ସ, ପିକେ ଭଳି ବାସ୍ତବଧର୍ମୀ ଫିଲ୍ମ ନିର୍ମାଣ କରି ଚର୍ଚ୍ଚାରେ ଥିବା ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଅମୀର ଖାନ୍ ଅଭିନେତା ପୂର୍ବରୁ ସହାୟକ ନିର୍ଦ୍ଦେଶକ ଭାବେ କାମ କରୁଥିଲେ। ରିପୋର୍ଟ ଅନୁସାରେ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ଭାବେ ଅମୀର ଖାନ୍‌ଙ୍କ ପ୍ରଥମ ରୋଜଗାର ୧ହଜାର ଟଙ୍କାର ଥିଲା। ଜୀବନର ଏହି ପ୍ରଥମ ରୋଜଗାରକୁ ଅମୀର ତାଙ୍କ ମା'ଙ୍କୁ ପ୍ରଦାନ କରିଥିଲେ।



❖ **ଶାହାରୁଖ୍ ଖାନ୍ :** ବଲିଉଡ୍‌ର ବାଜିଗର ହିରୋ କିଙ୍ଗ ଖାନ୍ ବର୍ତ୍ତମାନ ୫୧୦୦କୋଟି ଟଙ୍କାର ମାଲିକ। ବର୍ତ୍ତମାନ ସମୟରେ ଲକ୍‌ଜରିୟସ ବଙ୍ଗଳା, ଦାମୀ ଗାଡି ଓ ନିଜର ପ୍ରାଇଭେଟ୍ ବିମାନରେ ଯାତ୍ରା କରୁଛନ୍ତି। ଐଶ୍ ଆରାମ୍‌ର ଜୀନ୍ଦେଗୀ ଅତିବାହିତ କରୁଥିବା ବଲିଉଡ୍‌ର ଏହି ବାଦ୍‌ଶାହାଙ୍କ ପ୍ରଥମ ରୋଜଗାର ଶୁଣିଲେ ଆପଣମାନେ କାନରେ ହାତ ଦେଇଦେବେ। ଶାହାରୁଖ୍‌ଙ୍କ ପ୍ରଥମ ରୋଜଗାର ମାତ୍ର ୫୦ଟଙ୍କା ଥିଲା। ଶାହରୁଖ୍ ତାଙ୍କର ଏହି ପ୍ରଥମ ପାଉଣା ଗାୟକ ପଙ୍କଜ ଉଦାସଙ୍କ କନ୍‌ସର୍ଟରେ କାମ କରୁଥିବା କାରଣରୁ ମିଳିଥିଲା। କୁହାଯାଏ ଜୀବନର ଏହି ପ୍ରଥମ ରୋଜଗାର ଅର୍ଥରେ ଶାହରୁଖ୍ ସିଧା ତାଜମହଲ ଦେଖିବା ପାଇଁ ଆଗ୍ରା ଚାଲିଯାଇଥିଲେ।

## ହୋମ୍‌ଟାଉନ୍‌ରେ ସୁଟିଂ କଲେ ଆୟୁଷ୍ମାନ



ବଲିଉଡ୍‌ର ପ୍ରତିଭାବାନ ଅଭିନେତା ଆୟୁଷ୍ମାନ୍ ଖୁରାନା ବର୍ତ୍ତମାନ ତାଙ୍କର ଅପକମିଂ ମୁଭିକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଅଭିନୟ କ୍ୟାରିଅରରେ ଅଭିନେତା ପ୍ରଥମଥର ପାଇଁ ତାଙ୍କ ହୋମ୍‌ଟାଉନ୍ ଚଣ୍ଡିଗଡରେ ସୁଟିଂ ଆରମ୍ଭ କରିଛନ୍ତି। ଫିଲ୍ମର ଟାଇଟଲ୍‌କୁ ନେଇ ଆୟୁଷ୍ମାନ୍‌ଙ୍କୁ ଲମ୍ବା ବ୍ୟବଧାନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିବା ବେଳେ ବର୍ତ୍ତମାନ ପ୍ରଯୋଜକ ଫିଲ୍ମର ଟାଇଟଲ୍‌କୁ ଅଫିସିସିଆଲ୍ ଭାବେ ଘୋଷଣା କରିଛି। ଫିଲ୍ମର ଟାଇଟଲ୍ 'ଚଣ୍ଡିଗଡ କରେ ଆଶିକୀ' ରଖାଯାଇଥିବା ବେଳେ ଫିଲ୍ମର ନାୟିକା ଭାବେ ବାଣୀ କାପୁରଙ୍କୁ ଅନୁବନ୍ଧିତ କରାଯାଇଛି। ଫିଲ୍ମର ଟାଇଟଲ୍ ନିଶ୍ଚିତ ହେବା ନେଇ ଆୟୁଷ୍ମାନ୍ ତାଙ୍କ ଟ୍ୱିଟର ଆକାଉଣ୍ଟରେ ବାଣୀଙ୍କ ସହିତ ଏକ ପୋଷ୍ଟ ସେୟାର କରି ତାଙ୍କ ପ୍ରଶଂସକମାନଙ୍କୁ ଜଣାଇଛନ୍ତି। ଫଟୋ ପୋଷ୍ଟ କରି ଆୟୁଷ୍ମାନ୍ ଲେଖିଛନ୍ତି, ପରବର୍ତ୍ତୀ ପର୍ଯ୍ୟାୟ ସୁଟିଂ ମୋ ହୋମ୍‌ଟାଉନ୍ ଚଣ୍ଡିଗଡରୁ। ଏହି ପ୍ରେମ ଭିତ୍ତିକ ଫିଲ୍ମରେ ଅଭିଷେକ କାପୁର ଓ ଆନନ୍ଦମୟ ପ୍ରଗତିଶୀଳ ଅଂଶ ବିଶେଷ ହେଉଥିବାରୁ ମୁଁ ବେଶ୍ ଉତ୍ସାହିତ ଅଛି। ବାଣୀକାପୁରଙ୍କ ବିପକ୍ଷରେ ମୁଁ ଏହି ଫିଲ୍ମରେ ଅଭିନୟ କରୁଥିବା ବେଳେ ଭୂଷଣ କୁମାର ଓ ପ୍ରଜ୍ଞା କାପୁର ମିଳିତ ଭାବେ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱ ସମ୍ପାଦନା କରିବେ ବୋଲି ଆୟୁଷ୍ମାନ କହିଛନ୍ତି। ଆମ ପାଠକମାନଙ୍କ ଉଦ୍ଦେଶ୍ୟରେ କହି ଦେଉ କି ଆୟୁଷ୍ମାନ୍ ଖୁରାନା କରୋନା ମହାମାରୀ କାରଣରୁ ଲକ୍‌ଡାଉନ୍ ସମୟରେ ପ୍ରଚୁର ଝାଳ ବୁହାଇ ଆଥଲେଟିକ୍ ଚେହେରା କରିଛନ୍ତି। 'ଚଣ୍ଡିଗଡ କରେ ଆଶିକୀ'ର ବର୍ତ୍ତମାନ ଜୋରଦାର ସୁଟିଂ ଚାଲିଥିଲେ ମଧ୍ୟ ଆସନ୍ତାବର୍ଷ ଫିଲ୍ମ ରିଲିଜ୍ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।



## ହ୍ରିତିକ୍‌ଙ୍କ ମା' କରୋନା ଆକ୍ରାନ୍ତ



ଦେଶରେ କରୋନା ମହାମାରୀର ପ୍ରଭାବ ଟିକେ କମିଲେ ମଧ୍ୟ ଏବେ ବି ଦୈନିକ ୫୦-୬୦ ହଜାର ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏ ମହାମାରୀ ପ୍ରାୟ ସବୁକ୍ଷେତ୍ରର ବ୍ୟକ୍ତି ବିଶେଷଙ୍କୁ କରାୟତ କରିଛି। ଟିଭି ଓ ବଲିଉଡ୍ ଜଗତର ଅନେକ ସେଲିବ୍ରେଟୀ ମଧ୍ୟ ଏହାର ଫାଶରେ ପଡିଛନ୍ତି। ତେବେ ସଦ୍ୟ ରିପୋର୍ଟ ଅନୁସାରେ ଅଭିନେତା ହ୍ରିତିକ୍ ରୋଶନ୍‌ଙ୍କ ମା' ତଥା ଫିଲ୍ମ ନିର୍ମାତା ରାକେଶ ରୋଶନ୍‌ଙ୍କ ପତ୍ନୀ ପିଙ୍କି ରୋଶନ୍ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇଛନ୍ତି। ଏକ ନ୍ୟୁଜ୍ ଚ୍ୟାନେଲ୍ ସହିତ କଥୋପକଥନ ସମୟରେ ଅଭିନେତାଙ୍କ ମା' ଏହାର ଖୁଲାସା କରିଛନ୍ତି। ବର୍ତ୍ତମାନ କରୋନା ମହାମାରୀ ସମୟରେ ପ୍ରତ୍ୟେକ ଦୁଇ-ତିନି ସପ୍ତାହ ଅନ୍ତରରେ ଆମେ ସମସ୍ତେ କୋଭିଡ୍ -୧୯ ପରୀକ୍ଷା କରୁଛୁ। ପାଞ୍ଚଦିନ ପୂର୍ବରୁ କରୋନା ପରୀକ୍ଷା କରାଇଥିବା ବଳେ ବର୍ତ୍ତମାନ ଏହାର ରିପୋର୍ଟ ପଜିଟିଭ୍ ଆସିଛି। ମୋ ଶରୀରରେ ୧୫ଦିନ ହେବ କରୋନା ଭାଇରାସ୍ ସଂକ୍ରମିତ ହୋଇଛି ବୋଲି ଡାକ୍ତର କହୁଛନ୍ତି। ତେବେ ମୋ' ଠାରେ କୌଣସି କରୋନା ଲକ୍ଷଣ ପରିଲକ୍ଷିତ ହେଉନଥିବାରୁ ହସ୍ପିଟାଲ୍ ବଦଳରେ ଘରେ ଆଇସୋଲେସନ୍‌ରେ ରହିବାକୁ ପରାମର୍ଶ ଦେଇଛନ୍ତି। ପରିବାର ସଦସ୍ୟଙ୍କ ସୁରକ୍ଷା ନିମନ୍ତେ ମୁଁ ମଧ୍ୟ ଡାକ୍ତର ପରାମର୍ଶ ନେଇ ଘରେ ଆଇସୋଲେସନ୍‌ରେ ଅଛି ବୋଲି ପିଙ୍କି ରୋଶନ୍ କହିଛନ୍ତି।